## ରମେଶ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଉପ ସଭାପତି

ରାୟଗଡ଼ା ଅଫିସ: ରାୟଗଡ଼ା ଜିଲା ଜଗତ ଜନନୀ କ୍ଲବ ପୂର୍ବତନ ସଭାପତି ରମେଶ ଚନ୍ଦ୍ର ବିଡିକେ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଉପସଭାପତିଭାବେ ନିର୍ବାଚିତ ହୋଇଛନ୍ତି। କ୍ଲବ ପୂର୍ବତନ ଯୁଗ୍ମ ସମ୍ପାଦକ ସଦାଶିବ ତ୍ରିପାଠୀ, ପୂର୍ବତନ ସାଧାରଣ ସମ୍ପାଦକ ରବିନ୍ଦ୍ର ଆଚାର୍ଯ୍ୟ, ପୂର୍ବତନ ଉପସଭାପତି ଦ୍ୱିଜେନ ପାଲକା, କ୍ଲବ ପରାମର୍ଶଦାତା ଜୟ ବାହ୍ମା ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦାୟିତ୍ୱକୁ ଠିକ୍‌ଭାବେ ତୁଲାଇବାକୁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି।

# ଉନ୍ନୟନ, ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦ୍‌ଘାଟିତ

**ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ରାୟଗଡ଼ା ଗସ୍ତ**


ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏକ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା ଅଫିସ,୧୦।୨

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ବୁଧବାର ରାୟଗଡ଼ା ଜିଲା ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ବଡ଼ ଚାନ୍ଦିଲି ଗ୍ରାମରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ୬୮.୩୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପ୍ରକଳ୍ପ ଦ୍ୱାରା ଦୈନିକ ୧୮୫ ପରିବାରକୁ ପାଇପ୍ ଯୋଗେ ୧ ଲକ୍ଷ ଲିଟର ପାଣି ଯୋଗାଇ ଦିଆଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କରରାଓ, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ୍ ଅଧ୍ୟକ୍ଷ ପେଦେଣ୍ଟି ରାମାଲୁ, ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାୟଗଡ଼ା ବ୍ଲକ ଅନ୍ତର୍ଗତ ଦୁମାପାଇ ଗ୍ରାମରେ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ ଏବଂ ରାୟଗଡ଼ା ସଦର ଉପକଣ୍ଠ ପ୍ରେମ୍ ପାହାଡ଼ରେ ୩କୋଟି ୧୨ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ କରିଥିଲେ। ପରେ ଗୁରୁମଗୁଡ଼ା ଗ୍ରୀନ୍ ଫିଲ୍ଡଠାରେ ୮୮ଲକ୍ଷ ଟଙ୍କା ବ୍ୟୟରେ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ଜିଲା ଯୋଜନା ଅଧିକାରୀ ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ମୁଖ୍ୟତଃ ଖରିଫ୍ ଧାନ ସଂଗ୍ରହ, ମେଗା ଜଳଯୋଗାଣ ଯୋଜନା ଓ କୃଷି ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଡିଆର୍‌ଡିଏ ପିଡି, ଜିଲା ମୁଖ୍ୟ କୃଷି ଅଧିକାରୀ, ସମବାୟ ସଂସ୍ଥା ଉପ ନିବନ୍ଧକ, ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ, ଜିଲା ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପ୍ରାଣକୃଷ୍ଣ ପାଣିଗ୍ରାହୀ ଗୁଡାରି ଅତିରିକ୍ତ ତହସିଲଦାର



ଗୁଣପୁର,୧୦।୨(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଡାରି ବ୍ଲକର ଅତିରିକ୍ତ ତହସିଲଦାର ଭାବେ ବୁଧବାର ପ୍ରାଣକୃଷ୍ଣ ପାଣିଗ୍ରାହୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ ଗୁଣପୁର ବ୍ଲକ୍ ସେକ୍ସନ ଅଫିସର ଦାୟିତ୍ୱରେ ଥିଲେ। ୨୦୨୦ ନଭେମ୍ବର ୧୩ରେ ଓଆର୍‌ଏସ୍ ପାହ୍ୟାକୁ ପଦୋନ୍ନତି ପାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲିମ ନେଇଥିଲେ। ତାଲିମ ସରିବା ପରେ ତାଙ୍କୁ ରାଜ୍ୟ ସରକାର ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତି ଦେଇଛନ୍ତି। ସୂଚନାଯୋଗ୍ୟ, ଗୁଡାରିରେ ଦୀର୍ଘ ବର୍ଷ ହେଲା ଅତିରିକ୍ତ ତହସିଲଦାର ପଦ ଖାଲି ପଡ଼ିଥିଲା।

### ନାବାଳକଙ୍କ ଆତ୍ମହତ୍ୟା

ରାଇଘର, ୧୦।୨(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ରାଇଘର ଥାନା ମୁଣ୍ଡିବେଡା ପଞ୍ଚାୟତର ଗୁଚ୍ଛାଗୁଡା ଗ୍ରାମର ଜଣେ ନାବାଳକ ରଶୀ ଲଗାଇଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୁଚ୍ଛାଗୁଡା ଗ୍ରାମର ହରି ସିଂ ଗଣ୍ଡଙ୍କ ପୁଅ ବେଦଲାଲ ଗଣ୍ଡ (୧୭)। ବେଦଲାଲ ପାଠ ନ ପଢି ବୁଲାବୁଲି କରୁଥିବାରୁ ପରିବାର ଲୋକେ ତାଙ୍କୁ ଆକଟ କରୁଥିଲେ। ଏହାକୁ ନେଇ ମଙ୍ଗଳବାର ରାତିରେ ଘରେ ପାଟିତୁଣ୍ଡ ହୋଇଥିଲା। ବୁଧବାର ସକାଳୁ ଘର ନିକଟ ଏକ କରଞ୍ଜି ଗଛର ବେଦଲାଲଙ୍କ ମୃତଦେହ ଝୁଲୁଥିବା ଲୋକେ ଦେଖି ତାଙ୍କ ପରିବାରକୁ କହିଥିଲେ। ରାଇଘର ଥାନା ଏଏସ୍‌ଆଇ ପିକେ ସ୍ୱାଇଁ ଖବରପାଇ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ୬/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ସିଜ୍ ହୋଇଥିବା ମିଲ୍‌ର ଷ୍ଟକ କାଗଜ ଯାଞ୍ଚ

ଉମରକୋଟ,୧୦।୨(ସ୍ୱ.ପ୍ର.): ଉମରକୋଟ ବ୍ଲକ ଖୁଟୁଗୁଡା ନିକଟ ଆଦର୍ଶ ରାଇସ ମିଲ୍‌କୁ ପ୍ରଶାସନ ମଙ୍ଗଳବାର ସିଜ୍ କରିଥିଲା। ସିଜ୍ ସମୟରେ ୩ ହଜାର ୧୨୦ କୁଇଣ୍ଟାଲ ଧାନ ଗଚ୍ଛିତ ଥିବା ଜଣାପଡିଥିଲା। ବୁଧବାର ଏହାର ଷ୍ଟକ କାଗଜ ପାତ୍ର ଯାଞ୍ଚ କରାଯାଇଛି। ମିଲ ମାଲିକ ଯାହା ସବୁ ନଥିପତ୍ର ଦେଖାଇଥିଲେ ସେଥିରେ ତଦନ୍ତକାରୀ ଅଧିକାରୀମାନେ ସନ୍ତୁଷ୍ଟ ନ ଥିଲେ। ମଣ୍ଡିରୁ ଉଠାଇଥିବା ଧାନର ପରିମାଣ, ଲ୍ୟାମ୍ପ୍‌ସ ଓ ମିଲ୍‌ର କାଗଜପତ୍ର ସହ ତାଳମେଳ ରହୁଛିକି ନାହିଁ ତାହା ଜାଣିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଭାସ୍କର ରଇତୋ ସୂଚନା ଦେଇଛନ୍ତି।

### ନିର୍ବାଚନ ପୂର୍ବରୁ ଦଳକୁ ସୁଦୃଢ଼ କରିବାକୁ ଉଦ୍ୟମ

ରାୟଗଡ଼ା ଅଫିସ,୧୦।୨: ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସମ୍ପାଦକ କାଳିନ୍ଦି ସାମଲ, ରାଜ୍ୟ ପ୍ରବକ୍ତା ବିରଞ୍ଚି ତ୍ରିପାଠୀ, ଶରତ ବିଶ୍ୱାଳ ବୁଧବାର ରାୟଗଡ଼ାରେ ପହଞ୍ଚିଥିଲେ। ଏହାପରେ ସ୍ଥାନୀୟ ହୋଟେଲ ତେଜସ୍ୱୀ ଇଣ୍ଟରନ୍ୟାଶନାଲ ଆୟୋଜିତ ବୈଠକରେ ଯୋଗ ଦେଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ରହିଥିବାରୁ ଦଳକୁ କିପରି ସୁଦୃଢ଼ କରାଯାଇପାରିବ ସେ ନେଇ ନେତାମାନେ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏଥିସହ ପିଏମ୍‌ଏୱାଇ ଗୃହରେ ବିଜୁ ପକ୍କାଘର ଷ୍ଟିକର ଲଗାଯିବାକୁ ନେଇ ଶାସକ ଦଳ ଉପରେ ବର୍ଷିଥିଲେ। ପରେ ସେମାନେ ମା' ମଝିଘରିଆଣିଙ୍କ ଦର୍ଶନ କରିଥିଲେ। ଏହି ସମୟରେ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଦଳୀୟ ନେତା ବସନ୍ତ ଉଲାକା, ନଗର ସଭାପତି ଶ୍ୟାମ ଦାଶ, ଜିଲା ସାଧାରଣ ସମ୍ପାଦକ କିଶୋର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ବେହେରା, ଜିଲା ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବିଦ୍ୟା ଭୂଷଣ ପଣ୍ଡା, ଶିବ ଶଙ୍କର ଉଲାକା, ଜିଲା ପ୍ରଭାରୀ ଗୋବିନ୍ଦ ଜୈନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କାଶୀପୁରର ଯୁବ ନେତା କୃଷ୍ଣ ଚନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ଏକ ମିଶ୍ରଣ କାର୍ଯ୍ୟକ୍ରମ କରାଯାଇଥିଲା।

# କାଶୀପୁର ବ୍ଲକ୍‌ରେ ମାତିଛନ୍ତି ସାଇବର ଠକ

ଟିକିରି,୧୦।୨(ଡି.ଏନ୍.ଏ.)

- ଆଶା, ଅଙ୍ଗନୱାଡି କର୍ମୀଙ୍କୁ ଟାର୍ଗେଟ
- ଲୋଭରେ ଠକଙ୍କ ଶିକାର ନ ହେବାକୁ ପୋଲିସର ପରାମର୍ଶ

ରାୟଗଡ଼ା ଜିଲାରେ ମାତିଛନ୍ତି ସାଇବର ଠକ। ଆଶା ଏବଂ ଅଙ୍ଗନୱାର୍ଡ କର୍ମୀଙ୍କୁ କରୁଛନ୍ତି ଟାର୍ଗେଟ। ନିକଟରେ ଗୁଡାରି ବ୍ଲକ୍‌ରେ ବିଡିଓଙ୍କ ନାଁରେ ଫୋନ୍ କରି ଦୁଇ ଆଶାକର୍ମୀଙ୍କୁ ଏଟିଏମ୍ କାର୍ଡ ଏବଂ ସିଭିଭି ନମ୍ବର ମାଗି ଟଙ୍କା ଲୁଟି ନେଇଥିଲେ। ସେହିପରି ସୋମବାର ସମାନ ଢଙ୍ଗରେ କାଶୀପୁର ବ୍ଲକ୍ ଟିକିରି ଥାନା ଅଧୀନ ପିତାପୋଡ଼ିର ଆଶାକର୍ମୀ ସାଲାଇ ମାଝିଙ୍କୁ ଫୋନ୍ କରି ବିଡିଓଙ୍କ ପରିଚୟ ଦେଇ ଏଟିଏମ୍ କାର୍ଡ ଏବଂ ସିଭିଭି ନମ୍ବର ମାଗିଥିଲେ। ତେବେ ତାଙ୍କର ଏଟିଏମ୍ କାର୍ଡ ନ ଥିବାରୁ ପୁଅ ଜଣେ ସମ୍ପର୍କୀୟଙ୍କ ଏଟିଏମ୍ କାର୍ଡ ନମ୍ବର ଏବଂ ସିଭିଭି ନମ୍ବର ଦେଇଥିଲେ। ଏହା ସାହାଯ୍ୟରେ ତାଙ୍କ ଆକାଉଣ୍ଟରୁ ୧୮ହଜାର ଟଙ୍କା ଠକି ନେଇଥିବା ଟିକିରି ଥାନାରେ ଅଭିଯୋଗ ହୋଇଛି। ଟଙ୍କା ନେଉଥିବା ଆଶା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ସରକାର ଅନ୍‌ଲାଇନରେ ୧୫ହଜାର ଟଙ୍କା ଦେବାର ବ୍ୟବସ୍ଥା କରିଥିବା କହି ଠକ ଜଣକ ଠକିଥିବା ସାଲାଇ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ବ୍ୟାଙ୍କ ସହଯୋଗରେ ଏବଂ ଯେଉଁ ନମ୍ବରରେ ଫୋନ୍ ଆସିଥିଲା ତାହା ସହାୟତାରେ ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଠକମାନେ ଅନ୍‌ଲାଇନ ଶପିଂ ମାଧ୍ୟମରେ ଟଙ୍କା ଲୁଟି ନେଉଥିବାରୁ ସେମାନଙ୍କୁ ଧରିବା କଷ୍ଟକର ହୋଇପଡୁଛି। ତେଣୁ ଲୋକେ ପ୍ରଲୋଭନର ଶିକାର ନ ହୋଇ ପୋଲିସକୁ ସୂଚନା ଦେବା ସହ ନିଜେ ସଚେତନ ହେବା ଜରୁରୀ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯୁବ-ଛାତ୍ର ନେତୃତ୍ୱଙ୍କୁ ମନ୍ତ୍ର

**ବିଜେଡିର ବିଶାଳ ସମାବେଶ**

ରାୟଗଡ଼ା ଅଫିସ,୧୦।୨

ରାୟଗଡ଼ା ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏକ ବିରାଟ ସମାବେଶ ସ୍ଥାନୀୟ ତେଜସ୍ୱୀ ହୋଟେଲ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଯୁବ ବିଜେଡି ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଦଳର ଯୁବ ଏବଂ ଛାତ୍ର ନେତୃବୃନ୍ଦ ଏବଂ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ଯୁବ ଓ ଛାତ୍ର ନେତା ଏବଂ କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ରାଜ୍ୟସ୍ତରୀୟ ନେତାଙ୍କୁ ସ୍ୱାଗତ କରି ସମାବେଶ ସ୍ଥଳକୁ ଆଣିଥିଲେ। ଆଗକୁ ଥିବା ପଞ୍ଚାୟତ ନିର୍ବାଚନ ନିମନ୍ତେ ଯୁବ ଓ ଛାତ୍ର ଦଳ ସଙ୍ଗଠିତ ହେବା ପାଇଁ ଜିଲା ପର୍ଯ୍ୟବେକ୍ଷକ ଗୁରୁମନ୍ତ୍ର ଦେଇଥିଲେ। କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଜିଲାର ତୃଣମୂଳ ସ୍ତରରେ ପହଞ୍ଚୁନାହିଁ। ବିରୋଧି ଯେତେ ବିରୋଧ କଲେ ମଧ୍ୟ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ନିକଟରେ ପହଞ୍ଚୁଛି ବୋଲି ସେ କହିଥିଲେ। ଏଥିସହ ରାୟଗଡ଼ା ସ୍ୱତନ୍ତ୍ର ରେଳ ଡିଭିଜନ ଗଠନ ନେଇ ୪୦ ଲକ୍ଷ ଟଙ୍କା ଘୋଷଣା ନୈରାଶ୍ୟଜନକ ବୋଲି କହିଥିଲେ। ଏହି ଅବସରରେ ଲୋକଙ୍କ ସମସ୍ୟା ବୁଝିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚାଇବା ନିମନ୍ତେ ଯୁବ ଏବଂ ଛାତ୍ର ନେତୃତ୍ୱଙ୍କୁ ରାଜ୍ୟ ସ୍ତରୀୟ ନେତାମାନେ ଉତ୍ସାହିତ କରିଥିଲେ। ସମାବେଶରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବନାଶ ବିଶୋୟୀ, ଜିଲା ଯୁବ ବିଜେଡିର ସଭାପତି ଦେବାଶିଷ ଖାଡ଼ଙ୍ଗା, ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ ବିନାୟକ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ଲ୍ୟାମ୍ପ୍‌ସ ନିର୍ଦ୍ଦେଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିଶ

ନବରଙ୍ଗପୁର, ୧୦।୨(ବି.ପ୍ର.)

ଚନ୍ଦାହାଣ୍ଡି ବ୍ଲକରେ ହୋଇଥିବା ଚାଷୀ ପଞ୍ଜିକରଣ ଦୁର୍ନୀତିର ତଦନ୍ତକାରୀ ଅଧିକାରୀ ଏଆରସିଏସ୍ ଚନ୍ଦ୍ର ସେଠିଆ ପୂର୍ବତନ ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିଶ କରିଛନ୍ତି। କେସିସି ବ୍ୟାଙ୍କ ସମ୍ପାଦକଙ୍କୁ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି। ପୂର୍ବତନ ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ତ୍ରିପାଠୀ କିଛି ଦିନ ପୂର୍ବରୁ ଚାକିରୀରୁ ଅବସର ଗ୍ରହଣ ନେଇଛନ୍ତି। ଚାଷୀ ପଞ୍ଜିକରଣ ଗାଇଡଲାଇନକୁ ଅବମାନନା କରାଯାଇ ନକଲି ଚାଷୀ ପଞ୍ଜିକରଣ କରାଯାଇଛି। ସେମାନେ ମଣ୍ଡିରେ ଧାନ ବିକ୍ରି କରି ସରକାରୀ ଅର୍ଥ ଉଠାଇଛନ୍ତି। ଦୁର୍ନୀତି ସମ୍ପର୍କରେ ଚନ୍ଦାହାଣ୍ଡି ଥାନାରେ ଅସଲି ଚାଷୀ ଏତଲା ଦେବା ପରେ ଏଆରସିଏସ୍ ଚନ୍ଦ୍ର ସେଠିଆ ତଦନ୍ତ କରିଥିଲେ। ସେ ତଦନ୍ତ କରି ଆସିବା ପରେ ଲ୍ୟାମ୍ପ୍‌ସରେ କାର୍ଯ୍ୟରତ ଡିଇଓ ସ୍ନେହେଶ୍ୱର ମନହୀରାଙ୍କୁ ଚାକିରୀରୁ ବହିସ୍କୃତ କରାଯାଇଥିଲା। କିଛି ଦିନ ପୂର୍ବେ ବର୍ତ୍ତମାନର ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ବହିଷ୍କୃତ ଡିଇଓଙ୍କ ନାମରେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ।

# କୋରାପୁଟକୁ ହରାଇ ସେମିଫାଇନାଲରେ ସୁନ୍ଦରଗଡ଼



ଅତିଥିମାନେ ବିଶାଳ ହାତୀଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରୁଛନ୍ତି।

**ଯାଦବ ମାଝି ସ୍ମାରକି କ୍ରିକେଟ**

ଚନ୍ଦାହାଣ୍ଡି, ୧୦।୨(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମରେ ଚାଲିଥିବା ଯାଦବ ମାଝି ସ୍ମାରକି କ୍ରିକେଟ ପ୍ରତିଯୋଗିତାରେ ବୁଧବାର କୋରାପୁଟ ଓ ସୁନ୍ଦରଗଡ଼ ଦଳ ପରସ୍ପରକୁ ଭେଟିଥିଲେ। ସୁନ୍ଦରଗଡ଼ ମ୍ୟାଚ ଜିତି ସେମିଫାଇନାଲରେ ପହଞ୍ଚିଛି। କୋରାପୁଟ ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବା ନିଷ୍ପତି ନେଇଥିଲା। ସୁନ୍ଦରଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୬ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। କୋରାପୁଟ ଦଳ ପିଛା କରି ୧୭.୧ ଓଭରରେ ୧୮୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ୧୦୧ ରନ କରିଥିବା ସୁନ୍ଦରଗଡ଼ ଦଳର ବିଶାଳ ହାତୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଛି। ଚନ୍ଦାହାଣ୍ଡି ପ୍ରେସ୍ କ୍ଲବ ସଭାପତି ଦିଲ୍ଲୀପ ଦାସ ମୁଖ୍ୟ ଅତିଥି, ଖବରଦାତା ବାସୁଦେବ ସୁନା, ବ୍ୟବସାୟୀ ଡମ୍ବରୁ ରଥ, କଣ୍ଟ୍ରାକ୍ଟର ମହମ୍ମଦ ସାଜିଦ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବନବିହାରୀ ମହାନ୍ତି, ଆସ୍ତିକ ଦାସ ଆମ୍ପାୟାର ଦାୟିତ୍ୱ ତୁଲାଇ ଥିଲେ। ସ୍କୋରର ଭାବେ ଦିଲ୍ଲୀପ, ଅନଲାଇନ ସ୍କୋରରଭାବେ ରତ୍ନାକର, ଦେବେନ୍ଦ୍ର, ପପୁନ ଓ ଭାଷ୍ୟକାର ଦାୟିତ୍ୱ ସଂଗ୍ରାମ ଏବଂ ସୌରୀରଞ୍ଜନ ସାହୁ ତୁଲାଇଥିଲେ।

# କାମରେ ଲାଗୁନି ଜଳ ଯୋଗାଣ ପ୍ରକଳ୍ପ

ଚନ୍ଦ୍ରପୁର,୧୦।୨(ଡି.ଏନ୍.ଏ.)

- ବେଲାମଗୁଡ଼ାରେ ଜଳକଷ୍ଟ
- ୨ବର୍ଷ ହେଲା ଗ୍ରାମବାସୀଙ୍କୁ ମିଳୁନି ବିଶୁଦ୍ଧ ପାନୀୟଜଳ


ଗ୍ରାମରେ ହୋଇଥିବା ଜଳ ଯୋଗାଣ ପ୍ରକଳ୍ପ।

ଆଗକୁ ଖରାଦିନ ଆସୁଛି। ଏବେଠୁ ଦେଖାଦେଲାଣି ପାନୀୟଜଳ ଉତ୍କଟ। ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତର ବେଲାମଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ପରିସ୍ଥିତି। ହେଲେ ଏହା ଏବେକାର ସମସ୍ୟା ନୁହେଁ। ଦୀର୍ଘ ୨ ବର୍ଷ ହେଲା ଗ୍ରାମବାସୀଙ୍କୁ ମିଳୁନି ବିଶୁଦ୍ଧ ପାନୀୟ ଜଳ। ଗାଁରେ ୨ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ୪ବର୍ଷ ହେଲା ଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ନିର୍ମାଣ ହୋଇଥିଲା। ହେଲେ ନିର୍ମାଣର ୨ବର୍ଷ ପରେ ପ୍ରକଳ୍ପ ପାଣି ଟାଙ୍କିରେ ସମସ୍ୟା ଯୋଗୁ ଗ୍ରାମବାସୀଙ୍କୁ ଏହାର ସୁଫଳ ମିଳୁ ନ ଥିବା ଗାଁର ସରସ୍ୱତୀ କୌଶଲ୍ୟା, ବିଜୁଳି କୌଶଲ୍ୟା, ଗୌରିମା କୌଶଲ୍ୟା, ସଇନ୍ଦ୍ରି ବିଭାର ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ରକଳ୍ପଟିର ୧୪ଟି ପାଣି ପଏଣ୍ଟ ରହିଛି। ସେଥିମଧ୍ୟରୁ କେବଳ ବଡ଼ସାହି, ଠାକୁରାଣୀ ମନ୍ଦିର ସାହି, ଓଡ଼ିଆ ସାହି, ଟୁଡୁକା ପଙ୍ଗା ସାହିକୁ ପାଣି ଆସୁଛି। ବଳକା ୭ ପଏଣ୍ଟରେ ପାଣି ଆସୁ ନ ଥିବା ସେମାନେ କହିଛନ୍ତି। ପାଣି ପମ୍ପ ଚାଲିଲେ ଟାଙ୍କି ନିକଟ ଏକ ସ୍ଥାନରୁ ପାଣି ଲିକ୍ ହୋଇ ନଷ୍ଟ ହେଉଛି। ଫଳରେ ଅଧିକାଂଶ ସାହିକୁ ପାଣି ପହଞ୍ଚିପାରୁନି। ମରାମତି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ପ୍ରକଳ୍ପ ଥାଇ ମଧ୍ୟ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ତେଣୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ଦାୟିତ୍ୱରେ ଥିବା ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଜଳ ଯୋଗାଣ ପ୍ରକଳ୍ପରେ ଜଳସ୍ତର କମିଯାଇଛି। ଅଧିକ ପାଣି ନ ଥିବା ଯୋଗୁ ସମସ୍ତ ଗ୍ରାମବାସୀଙ୍କୁ ଜଳ ଯୋଗାଣ ସମ୍ଭବ ହୋଇପାରୁନାହିଁ। ପୁଣି ନଳକୂପ ଖନନ ପାଇଁ ଗାଁକୁ ଭଲ ରାସ୍ତା ନାହିଁ। ରାସ୍ତା ତିଆରି ହେଲେ କାମ ହେବ ବୋଲି ସେ କହିଛନ୍ତି। ତେବେ ଶୀଘ୍ର ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କହିଛନ୍ତି।

# ଦୁର୍ଗମ ଇଲାକାରେ ସମସ୍ୟା ବୁଝିଲେ ଉପଜିଲାପାଳ

ବିଷମକଟକ,୧୦।୨

ଗୁଣପୁର ଉପଜିଲାପାଳ ସୋନାଲ ଜେନା ବୁଧବାର ବିଷମକଟକ ବ୍ଲକ୍‌ର ଦୁର୍ଗମ କୁର୍ଲୀ ପଞ୍ଚାୟତ ଗସ୍ତରେ ଯାଇ ଲୋକଙ୍କ ସମସ୍ୟା ବୁଝିଛନ୍ତି। ପାହାଡ଼ି ଇଲାକାରେ ବସବାସ କରୁଥିବା ଡଙ୍ଗରିଆ ଜନଜାତି ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚୁଛି କି ନାହିଁ ପଚାରି ବୁଝିଥିଲେ। ପଞ୍ଚାୟତର ହୁଣ୍ଡିଝାଲି ଏବଂ ହୁଟେସି ଗାଁକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜନନୀ ସୁରକ୍ଷା ଯୋଜନା, ଅଙ୍ଗନୱାଡି ବ୍ୟବସ୍ଥା, ଶିକ୍ଷା ଆଦି ବିଷୟ ତଦାରଖ କରିଥିଲେ। ଦୁଇ ଗାଁକୁ ଯିବା ପାଇଁ ପାହାଡ଼ କାଟି କାମ ଚଳା ରାସ୍ତା କରାଯାଇଛି। ହେଲେ ପକ୍କାରାସ୍ତା ନିର୍ମାଣକୁ ସେ ଗୁରୁତ୍ୱ ଦେଇଥିଲେ। ଓପିଲିପ୍ କର୍ମଚାରୀଙ୍କ ସହ ଆଲୋଚନା ଡଙ୍ଗରିଆଙ୍କ ଉନ୍ନତ ଜୀବିକା ନିର୍ବାହ ନେଇ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ଗସ୍ତବେଳେ ବିଡିଓ ଆଲବର୍ଟ ଲାକଡା, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, ଗ୍ରାମୀଣ ଜଳ ଯୋଗାଣ ଯନ୍ତ୍ରୀ ରାଜଶ୍ରୀ ପାତ୍ର, ତହସିଲଦାର ଶୁଭେନ୍ଦୁ ଜେନା, ଜୀବିକା ମିଶନର କିଶୋର ନାୟକ, ଯୋଗାଣ ଅଧିକାରୀ ସିପ୍ରା ସାମଲ ଉପସ୍ଥିତ ଥିଲେ।


ଉପଜିଲାପାଳ କୁର୍ଲି ପଞ୍ଚାୟତର ଏକ ଗାଁକୁ ଯାଉଛନ୍ତି।

# ଲାଲ୍ କରିଡରରୁ ଖୁଲମଖୁଲା ଚାଲିଛି ବାଲିଚାଲାଣ

ରାଇଘର,୧୦।୨ (ଡି.ଏନ୍.ଏ.)

ରାଇଘର ବ୍ଲକ ହାତୀଗାଁ ପଞ୍ଚାୟତ। ଏହି ଅଞ୍ଚଳ ଲାଲ୍ କରିଡରଭାବେ ପରିଚିତ। ଏଠାରେ ମାଓବାଦୀ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ମାଓବାଦୀ ଉପଦ୍ରୁତ ଅଞ୍ଚଳଭାବେ ପରିଚିତ ଏହି ଜାଗାକୁ ସରକାରୀ ବାବୁମାନେ ନିୟମିତ ପରିଦର୍ଶନରେ ଆସୁ ନାହାନ୍ତି। ଏହାର ଫାଇଦା ନେଉଛନ୍ତି ମାଫିଆ। ଦୁର୍ଗମ ପଞ୍ଚାୟତ ଓ ଅପହଞ୍ଚ ଗାଁରେ ମାଫିଆମାନେ ଲୁଟ କରୁଛନ୍ତି ପ୍ରାକୃତିକ ସମ୍ପଦ ବାଲି ଓ ପଥର। ଖୁଲମଖୁଲା ବାଲି ଚୋରା ଚାଲାଣର ଦୃଶ୍ୟ ଦେଖିବାକୁ ମିଳିଛି ହାତୀଗାଁ ପଞ୍ଚାୟତର ସଦର ନୂଆପାରାରେ। ଯୋଡିଙ୍ଗା ରାଜସ୍ୱ ସର୍କଲ ଅଧୀନ ହାତୀଗାଁ ପଞ୍ଚାୟତ ନୂଆପାରା ନଦୀଘାଟରୁ ମାଫିଆମାନେ ପ୍ରତିଦିନ ଗାଡ଼ି ଲଗାଇ ବାଲି ଚୋରା ଚାଲାଣ କରୁଛନ୍ତି। ପ୍ରତିଦିନ ସକାଳେ ଗାଡ଼ି ଲ୍ୟାଲାଇନରେ ଠିଆ ହେଉଥିବାବେଳେ ନଦୀଘାଟରେ ମାଫିଆଙ୍କ ଦ୍ୱାରା ନିୟୋଜିତ ଜେସିବିରେ ବାଲି ଭରାଯାଉଛି। ମାଓବାଦୀ ଉପଦ୍ରୁତ ଅଞ୍ଚଳ ଆଳରେ ରାଜସ୍ୱ କର୍ମଚାରୀ ନିୟମିତ ତଦାରଖ ପାଇଁ ଯାଉ ନ ଥିବାରୁ ମାଫିଆଙ୍କ ପାଇଁ ଅଭୟାରଣ୍ୟ ପାଲଟିଛି ନଦୀଘାଟ। ହଜାର ହଜାର ଟଙ୍କାର ବାଲି ଚୋରା ଚାଲାଣ ହେଉଥିବାରୁ ପ୍ରଶାସନକୁ ମିଳୁନି ଗୋଟିଏ ଟଙ୍କାର ରାଜସ୍ୱ। ଏ ସମ୍ପର୍କରେ ରାଇଘର ତହସିଲଦାର ଡା. ତୁଷାର ଜ୍ୟୋତିରଞ୍ଜନଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀଙ୍କୁ ତଦାରଖ ନିମନ୍ତେ ନିର୍ଦ୍ଦେଶ ଦେବା ସହ ଘଟଣା ଉପରେ ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ରାଇଘର ବ୍ଲକରେ ଅନେକ ନଦୀଘାଟରେ ବେନିୟମ ଭାବେ ବାଲି ଚୋରା ଚାଲାଣ ଅଭିଯୋଗ ହେଉଛି। ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟିଦେଇ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।



ନଦୀରୁ ବାଲି ଚାଲାଣ କରାଯାଉଛି।

# ଚାଷୀଙ୍କ ଅଜାଣତରେ ଉଠାଯାଉଛି ଧାନମଣ୍ଡି ଟଙ୍କା

ନବରଙ୍ଗପୁର,୧୦।୨(ବି.ପ୍ର.)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

**କଂଗ୍ରେସର ଖବରଦାତା ସମ୍ମିଳନୀ**

- ଧାନକିଣା ନାଁରେ ୧୫୦ କୋଟି ଟଙ୍କା ଦୁର୍ନୀତି ଅଭିଯୋଗ
- ମଧ୍ୟସ୍ଥ,ଦଲାଲ ଓ ମିଲ୍ ମାଲିକଙ୍କ କବ୍‌ଜାରେ ଧାନମଣ୍ଡି

ମଧ୍ୟସ୍ଥ, ଦଲାଲ ଓ ମିଲର୍ସଙ୍କ କବ୍‌ଜାରେ ଧାନମଣ୍ଡି। ପ୍ରକୃତ ଚାଷୀଙ୍କ ଘରେ ଧାନ ରହିଛି। ପ୍ରଶାସନ ଚେଇଁ ଶୋଇଛି। ଧାନ କିଣାରେ ଜିଲାରେ ୧୫୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ପ୍ରକୃତ ଚାଷୀଙ୍କ ଜମି ପଟ୍ଟା ଓ ଟୋକନ ବ୍ୟବହାରକରି ଦଲାଲ ତଥା ଜଣେ ମିଲ୍ ମାଲିକ ଅନେକ ଚାଷୀଙ୍କ ଧାନ ଉଠାଇ ନେଇଛନ୍ତି। ଚନ୍ଦାହାଣ୍ଡି ଓ ଝରିଗାଁ ବ୍ଲକରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବଦଳରେ ଉମରକୋଟ ବ୍ଲକ ସୁନାବେଡ଼ାସ୍ଥିତ ଏକ ଘରୋଇ ବ୍ୟାଙ୍କରେ ଚାଷୀଙ୍କ ନାମରେ ଆକାଉଣ୍ଟ ଖୋଲାଯାଇଛି। ଦଲାଲ ଜଣକ ବ୍ୟାଙ୍କ ଖାତା, ଚେକ୍‌ବୁକ୍ ଓ ଏଟିଏମ୍ କାର୍ଡ ବ୍ୟବହାରକରି ଚାଷୀଙ୍କ ଟଙ୍କା ଉଠାଇ ନେଇଛନ୍ତି। ଏହିଭଳି ଜିଲାର ୧୦ଟି ବ୍ଲକରେ ଚାଷୀଙ୍କ ଅଜାଣତରେ ମଧ୍ୟସ୍ଥ ତଥା ଦଲାଲ ମଣ୍ଡିରେ ଚଞ୍ଚକତା କରି ଧାନ ବିକ୍ରିକରି ଟଙ୍କା ହଡ଼ପ କରିଥିବା କଂଗ୍ରେସ ଅଭିଯୋଗ କରିଛି। ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ଜିଲା ସଭାପତି ମୁନା ତ୍ରିପାଠୀ, ପୂର୍ବତନ ପିସିସି ସମ୍ପାଦକ ସରୋଜ ପାତ୍ର ଓ ଖେମରାଜ ବାଘ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜମିପଟ୍ଟା, ନକଲି ଚୁକ୍ତି ଓ ପାସ୍‌ବୁକ୍ ଖୋଲାଯାଇ ଟଙ୍କା ହଡ଼ପ ହୋଇଥିବା ଓ ମଣ୍ଡିକୁ ଗଲେ ସେମାନଙ୍କ ନାମରେ ଟୋକନ ବାହାରି ନ ଥିବା କହି ଫେରାଇ ଦିଆଯାଉଛି ବୋଲି ୨୦ଜଣ ଚାଷୀ ଅଭିଯୋଗ କରିଛନ୍ତି। ସେମାନଙ୍କ ନାମ ବ୍ୟବହାର କରାଯାଇ ମଣ୍ଡିରେ ଟଙ୍କା ଉଠାଯାଇଥିବା ନେଇ ୭୩ଜଣ ଚାଷୀ ଥାନାରେ ଏତଲା ଦେଇଛନ୍ତି ବୋଲି ପୂର୍ବତନ ଏମ୍‌ପି ପ୍ରଦୀପ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ୧୫ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲାବ୍ୟାପୀ ଚାଷୀ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଜିଲାର ଚନ୍ଦାହାଣ୍ଡି, ଝରିଗାଁ ଓ ଉମରକୋଟ ଧାନମଣ୍ଡିରେ ଏଭଳି ଘଟଣା ପ୍ରଥମେ ଘଟିଥିଲା। ଏଥିରେ ରାଜସ୍ୱ ବିଭାଗ, ଲ୍ୟାମ୍ପ୍‌ସ, ଆର୍‌ଏମ୍‌ସି, ବ୍ୟାଙ୍କ ଓ ଯୋଗାଣ ବିଭାଗ କର୍ମଚାରୀ ସମ୍ପୃକ୍ତ ବୋଲି ପ୍ରଦୀପ ଅଭିଯୋଗ କରିଛନ୍ତି। ପ୍ରକୃତ ଚାଷୀଙ୍କ ବଦଳରେ ଅଣଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି। ଏହାକୁ ରାଜସ୍ୱ ନିରୀକ୍ଷକମାନେ ସାର୍ଟିଫାଇ କରିଛନ୍ତି। କେତେକ ସ୍ଥାନରେ ମିଥ୍ୟା ଉତ୍ତରାଧିକାରୀ ଦର୍ଶାଇ ଧାନ ବିକ୍ରି କରାଯାଇଛି। ଚନ୍ଦାହାଣ୍ଡି ବ୍ଲକରେ ୧୮ ହଜାର ୫୦୦ କୁଇଣ୍ଟାଲ ଧାନ ମଣ୍ଡିକୁ ଆସିନାହିଁ। କିନ୍ତୁ ଧାନ ବିକ୍ରି କରାଯାଇ ଟଙ୍କା ହଡ଼ପ ହୋଇଛି। ୯୪ଜଣ ମିଥ୍ୟା ଚାଷୀ ଧାନ ବିକ୍ରି କରିଛନ୍ତି। ଏ ବାବଦକୁ ୯୪ ଲକ୍ଷ ଟଙ୍କା ହଡ଼ପ ହୋଇଛି ବୋଲି କଂଗ୍ରେସ କହିଛି। ଜିଲାରେ ମଣ୍ଡି ମାଧ୍ୟମରେ ପ୍ରାୟ ୩୩୭ କୋଟି ଟଙ୍କାର ଧାନ କିଣାଯାଇ ୧୫୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ଗତ ବର୍ଷ ଉମରକୋଟର ଜଣେ ମିଲ୍ ମାଲିକଙ୍କ ଖଲାସିଙ୍କ ନାଁରେ ୧କୋଟି ୪୭ ଲକ୍ଷ ୮୨୦୫୭ ଟଙ୍କା ଜମା କରାଯାଇଥିଲା। ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଚଳିତବର୍ଷ ଏହାର ପୁନରାବୃତ୍ତି ଘଟିଛି। ଏଥିପାଇଁ ଜିଲା ପ୍ରଶାସନ ଦାୟୀ ବୋଲି ପ୍ରଦୀପ କହିଛନ୍ତି। ଚନ୍ଦାହାଣ୍ଡି ବ୍ଲକ ଧରାକୋଟର ଚାଷୀ ଗିରିଧାରୀ ଗୋହିର, ମାଲପଡ଼ାର ତିଲକ ସିଂ, ମାନସିଂ ରାଉତ ପ୍ରମୁଖ ସେମାନଙ୍କ ନାମ ବ୍ୟବହାର କରାଯାଇ ଟଙ୍କା ଉଠାଯାଇଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ବୃନ୍ଦାବନ ତ୍ରିପାଠୀ, ନଗର ସଭାପତି ଉତ୍ତମ ତ୍ରିପାଠୀ, ବରିଷ୍ଠ ନେତା ବାସୁଦେବ ପଟ୍ଟନାୟକ, ଚନ୍ଦ୍ର ମଲ୍ଲିକ, ସଞ୍ଜୟ ନାୟକ, ଭୁବନ ବିଷୋୟୀ, ଈଶ୍ୱର ମିର୍ଗାନ, ପ୍ରଫୁଲ୍ଲ ପଣ୍ଡା, ଶିବପ୍ରସାଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଶହେ ଟଙ୍କା ଯୋଗାଡ କରି ନ ପାରି ଚାଲିଲେ ଶହେ କିମି

**ବୈପାରିଗୁଡା,୧୦।୨ (ଡି.ଏନ୍.ଏ.)**

### ଦାରିଦ୍ର୍ୟ ଦେଲା ପୀଡା


ଚାଲିଚାଲି ଆସିଥିବା ସମରା।

ବୁଧବାର ଭୋର ସମୟରେ ବୈପାରିଗୁଡାଠାରୁ ଅଳ୍ପ ଦୂର ଗୌଡଗଡା ଛକଠାରେ ଦେହରେ କମ୍ବଳ ଘୋଡାଇ ବସିଥିଲେ ଜଣେ ଅଚିହ୍ନା ବ୍ୟକ୍ତି । ପାଦ ଦୁଇଟି ତାଙ୍କର ଫୁଲି ଯାଇଥିଲା। ପାଦ ଉପରେ ରହିଥିଲା ଚପଲ ଚିହ୍ନ। ପେଟରେ ଭୋକ ଓ ପାଦର ପୀଡା ତାଙ୍କ ମୁହଁରୁ ବେଶ୍ ବାରି ହୋଇ ପଡୁଥିଲା। ତାଙ୍କୁ ପରିଚୟ ପଚାରିବାରୁ ସେ ସମରା ଖରା, ତାଙ୍କ ଘର ମାଲକାନାଗିରି ଜିଲା ବାଲିମେଳାର ଅର୍କେଲ ଗ୍ରାମ ବୋଲି କହିଥିଲେ । ତାଙ୍କଠାରୁ ତାଙ୍କ ସମ୍ପର୍କରେ ଜାଣିବା ପରେ ଦାରିଦ୍ର୍ୟତା ଯେ କେତେ ଭୟଙ୍କର ତାହା ବୁଝିବା କଷ୍ଟକର ହୋଇଥିଲା। କିଛି ବର୍ଷ ତଳେ ସମରା ୧୩ ବର୍ଷର ପୁଅକୁ ହରାଇବା ପରେ ସ୍ତ୍ରୀଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଗୋଟିଏ ଝିଅ ଘରସଂସାର କରିବାକୁ ମାଲକାନାଗିରି ଚାଲିଯିବା ପରେ ନିଃସଙ୍ଗ ହୋଇପଡିଥିଲେ ସେ। କିଛିବର୍ଷ ଗୋବିନ୍ଦପାଲିଠାରେ ଏକ ହୋଟେଲ୍‌ରେ କାମ କରୁଥିଲେ। ଦିନସାରା ପରିଶ୍ରମ ବଦଳରେ ତାଙ୍କୁ ମିଳୁଥିଲା ମାତ୍ର ୧୨୦ ଟଙ୍କା ମଜୁରି। ପରିବା ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଇ ସମରା ଏଥିପାଇଁ ୧ ହଜାର ୫ ଶହ ଟଙ୍କା ସହାୟତା ପାଇଁ ଜୟପରଠାରେ ସାଇକେଲ ମରାମତି ଦୋକାନ କରିଥିବା ତାଙ୍କ ଭାଇଙ୍କ ନିକଟକୁ ଯାଇ ସହାୟତା ମାଗିଥିଲେ । ଭାଇ ଡାକିବାରୁ ୩ ଦିନ ତଳେ ଜୟପୁର ଯାଇଥିଲେ। ମାତ୍ର ଭାଇ ସମରାଙ୍କ ପାଇଁ ଅର୍ଥ ଯୋଗାଡ କରିପାରିଲେ ନାହିଁ । ଭାଇଙ୍କ ଉପରେ ବୋଝ ନ ହେବାକୁ ନିଷ୍ପତ୍ତି ନେଇ ଘରକୁ ଫେରିଯିବାକୁ ନିଷ୍ପତ୍ତି ନେଇଥିଲେ । ଜୟପରଠାରୁ ବାଲିମେଳା ଶହେ କିମି ବସଭଡା ୧୨୦ ଟଙ୍କା ହୋଇଥିବା ବେଳେ ସମରାଙ୍କ ପାଖରେ ଥିଲା ମାତ୍ର ୫୦ ଟଙ୍କା। ଏହି ଟଙ୍କା ତାଙ୍କୁ ଆସିବା ବେଳେ ତାଙ୍କ ଭାଇ ଦେଇଥିଲେ। ସେତିକିରେ ବସ୍‌ଭଡା ହୋଇ ନ ପାରିବାରୁ ସମରା ମଙ୍ଗଳବାର ଅପରାହ୍ନରୁ ଚାଲିଚାଲି ବାଲିମେଳା ଯିବାକୁ ବାହାରିଥିଲେ। ବାଟରେ ୫୦ ଟଙ୍କା ଖର୍ଚ୍ଚ ହୋଇଯାଇଥିଲା। ରାତି ହେବାରୁ ରାସ୍ତା କଡରେ ଥିବା ଏକ କୁଡିଆ ଘରେ ଆଶ୍ରୟ ନେଇଥିଲେ। ଖାଲି ପାଦରେ ଚାଲିଚାଲି ପାଦ ଦୁଇଟି ଫୁଲିଯିବାରୁ ଚପଲ ପିନ୍ଧିବା କଷ୍ଟ ହେଉଥିଲା। ଗାଁରେ ସମରାଙ୍କ ମୁଣ୍ଡ ଗଞ୍ଜିବାକୁ ଘରଟିଏ ନାହିଁ। ୫ ଶହ ଟଙ୍କା ଭଡା ଦେଇ ସେ ରହୁଛନ୍ତି। ରାଶନ କାର୍ଡ ନ ଥିବାରୁ ଚାଉଳ କିଣି ଖାଉଛନ୍ତି ବୋଲି କହିଥିଲେ ସେ। ସମରାଙ୍କ ଏପରି ଅବସ୍ଥା ଦେଖି କେତେକ ସହୃଦୟ ବ୍ୟକ୍ତି ତାଙ୍କୁ ବସଭଡା ଦେଇ ବାଲିମେଳା ପଠାଇଥିଲେ।

# ସ୍ୱାଭିମାନ ଅଞ୍ଚଳରେ ମାସମାସ ଧରି ଖୋଲୁନି ଡାକ କାର୍ଯ୍ୟାଳୟ

**ମାଲକାନଗିରି,୧୦।୨ (ଡି.ଏନ୍.ଏ.)**

ସ୍ୱାଭିମାନ ଅଞ୍ଚଳରେ ମନୋମୁଖୀ କାର୍ଯ୍ୟ କରୁଛନ୍ତି କେତେକ ସରକାରୀ କର୍ମଚାରୀ। ସେମାନେ ଠିକ୍ ରୂପେ ଅଫିସ ଆସୁ ନ ଥିବା ବେଳେ ତାଙ୍କ ପାଇଁ ମାସ ମାସ ଧରି କାର୍ଯ୍ୟାଳୟ ବନ୍ଦ ରହୁଛି। ଫଳରେ ଲୋକେ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ପାପରମେଟ୍‌ଲା ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି। ପାପର୍‌ମେଟ୍‌ଲା ଗ୍ରାମରେ ଥିବା ଡାକସେବାରେ କାର୍ଯ୍ୟରତ ପୋଷ୍ଟମାଷ୍ଟର ପୀତାମ୍ବର ଖେମୁଡୁ ନିଜ କାର୍ଯ୍ୟରେ ଦୀର୍ଘଦିନ ହେଳା ଅବହେଳା କରି ଆସୁଛନ୍ତି। ସେ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ମାସ ମାସ ଧରି ଡାକ କାର୍ଯ୍ୟାଳୟ ବନ୍ଦ ରହୁଛି। ଏ ନେଇ ପାପରମେଟଲା ପୂର୍ବତନ ସରପଞ୍ଚ ପ୍ରତାପ ଗଲରି, ଡମ୍ବୁ ଗଲରିଙ୍କ ସହ ଗ୍ରାମବାସୀ ବାରମ୍ବାର ପୋଷ୍ଟ ମାଷ୍ଟରଙ୍କୁ ପଚାରିବାରୁ ସେ ବିଭିନ୍ନ ରାଜନେତାଙ୍କ ନାଁ କହି ଲୋକଙ୍କୁ ଡରାଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ବନ୍ଦ ରହିଥିବା ଡାକଘର।

## ସଂକ୍ଷେପରେ

### ରାଜ୍ୟ ସଂଘରେ କୋରାପୁଟର ୨ ଶିକ୍ଷକ



କୋରାପୁଟ,୧୦।୨(ସ୍ୱ.ପ୍ର.): ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ କର୍ମକର୍ତ୍ତା ଭାବରେ କୋରାପୁଟ ଜିଲାର ଦୁଇ ଜଣ ଶିକ୍ଷକ ମନୋନୀତ ହୋଇଛନ୍ତି। ଶିକ୍ଷକ ମନୋଜ କୁମାର ମିଶ୍ର ରାଜ୍ୟ ସଂଘର ସାଂଗଠନିକ ସମ୍ପାଦକ ରୂପେ ମନୋନୀତ ହୋଇଥିବାବେଳେ ଯୁଗ୍ମ ସମ୍ପାଦକ ରୂପେ ଜଗଦୀଶ ବେହେରା ମନୋନୀତ ହୋଇଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ବହୁ ସୁବିଧା ଏବଂ ଅନ୍ୟ ଚୁକ୍ତିଭିତ୍ତିକ କର୍ମଚାରୀ ପାଉଥିବା ସୁବିଧା ଯେପରି ଆମ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକମାନେ ପାଇପାରିବେ ସେ ଦିଗରେ ଆମେ କାମ କରିବୁ ବୋଲି ଉଭୟେ କହିଛନ୍ତି।

### ୫ ଲାଇସେନ୍‌ସ ବାତିଲ, ୧ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

କୋରାପୁଟ,୧୦।୨(ସ୍ୱ.ପ୍ର.)- ବୁଧବାର କୋରାପୁଟ ଟାଉନଥାନା ପକ୍ଷରୁ ଗାଡିମୋଟର ଯାଞ୍ଚ କଡାକଡି ଭାବେ ହେଉଥିଲା। ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ପୋଲିସ ଧରୁଥିଲା। ସେମାନଙ୍କଠାରୁ ୧ଲକ୍ଷ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୫ଜଣଙ୍କ ଡ୍ରାଇଭିଂ ଲାଇସେନ୍‌ସ ବାତିଲ କରାଯାଇଛି। ଏହି ଚଢାଉରେ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ଏସଆଇଯଶୋବନ୍ତ ସଲିମ, ସୁଦର୍ଶନ ଅଧିକାରୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ବାଇକ୍‌ରୁ ଖସିପଡି ଯୁବକ ମୃତ

କାଲିମେଳା,୧୦।୨(ଡି.ଏନ୍.ଏ.): ମାଲକାନଗିରି ଜିଲା ମୋଟୁ ଥାନା ଅର୍ନ୍ତଗତ ଏମଭି-୯୦ ଗ୍ରାମ ନିକଟସ୍ଥ ୩୨୬ନଂ. ଜାତୀୟ ରାଜପଥରେ ବୁଧବାର ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ମାନ୍ୟବକୋଣ୍ଡା ପଚାୟତ କଦମମାଲି ଗ୍ରାମର ପତି ଗାଦବାଙ୍କ ପୁଅ ମଦନ ଗାଦବା (୨୫) ବୋଲି ଜଣାପଡିଛି। ସେ କାଲିମେଳାକୁ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଛାଡିବା ପାଇଁ ମୋଟରସାଇକେଲରେ କାଲିମେଳା ଆସିଥିଲେ। ସମ୍ପର୍କୀୟଙ୍କୁ ଛାଡି ଗ୍ରାମକୁ ଯାଉଥିବା ବେଳେ ଏମଭି ୯୦ ନିକଟରେ ମୋଟର ସାଇକେଲରୁ ପଡିଥିଲେ। ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। କାଲିମେଳା ପଟୁ ଏକ ଟ୍ରକ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ହର୍ଣ୍ଣ ଦେବାରୁ ମଦନ ନିଜ ଭାରସାମ୍ୟ ରକ୍ଷା କରି ନ ପାରି ମୋଟରସାଇକେଲରୁ ଖସି ପଡିଥିଲେ ବୋଲି କେତେକ ପ୍ରତକ୍ଷ୍ୟଦର୍ଶୀ କହିଛନ୍ତି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଡାକି ତାଙ୍କୁ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ବେଳକୁ ମଦନଙ୍କ ମୃତ୍ୟୁ ହୋଇସାରିଥିଲା।

### ବିଡିଓଙ୍କୁ ଦାବିପତ୍ର

ଜୟପୁର,୧୦।୨(ନି.ପ୍ର.): ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡ଼ା, ରଣ୍ଡାପାଲି, କୁମୁଲିପୁଟ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଡଷ୍ଟବିନ ଓ ଗାଡ଼ି ଯୋଗାଇଦେବାକୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ ରାସ୍ତାକଡ଼ରେ ପ୍ରତ୍ୟହ ଅଳିଆ ଆବର୍ଜନା ପଡୁଛି। ଏହି ସ୍ଥାନରୁ ଅଳିଆ ଆବର୍ଜନା ଉଠାଯାଉନାହିଁ। ୩ଟି ପଞ୍ଚାୟତର ବଜାର ଛକ, ମେଡିକାଲ ଛକ,ବସ୍‌ଷ୍ଟାଣ୍ଡ ଓ ହାଟପଦା ଛକରେ ଡଷ୍ଟବିନ୍‌ର ବ୍ୟବସ୍ଥା କରାଯାଇ ଅଳିଆ ଆବର୍ଜନା ଉଠାଇବା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବି. ହରିରାଓ, ବାବୁଲା ହରିଜନ, ଏସ୍.ମହାପାତ୍ର, ବିପଦ ଭଞ୍ଜନ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗଞ୍ଜେଇ ଚାଷ ନଷ୍ଟ

ବୈପାରିଗୁଡା,୧୦।୨ (ଡି.ଏନ୍.ଏ.): ବୈପାରିଗୁଡା ପୋଲିସ ରାମଗିରି ଫାଣ୍ଡି ଅଞ୍ଚଳର ଦଲାଇ ମାଳିଗୁଡା ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ଚାଷ ହୋଇଥିବା ୬୦ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏହାର ମୂଲ୍ୟ ୭ କୋଟି ୨୦ ଲକ୍ଷ ଟଙ୍କା ବୋଲି ଥାନାଧିକାରୀ ରଘୁନାଥ ମାଝି କହିଛନ୍ତି। ସହକାରୀ ଜିଲାପାଳ ରାଜେନ୍ଦ୍ର ଖରା ,ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଅବକାରୀ ନିରୀକ୍ଷକ ବିମ୍ବାଧର ପଣ୍ଡା ସାମିଲ ଥିଲେ।

# ଏସ୍‌ଏସ୍‌ଡି ଅତିରିକ୍ତ ସଚିବଙ୍କ ନିକଟରେ ସାମାଜିକ ସଙ୍ଗଠନର ଅଭିଯୋଗ

**କୁନ୍ଦୁରା,୧୦।୨ (ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ଉପକଣ୍ଠ କାଉଡିଆଗୁଡା ଆଦିବାସୀ ଉନ୍ନୟନ ବିଭାଗର ଆବାସିକ କନ୍ୟାଶ୍ରମଠାରେ ଦୀର୍ଘବର୍ଷ ଧରି ଚାଲିଥିବା ଅବ୍ୟବସ୍ଥାକୁ ନେଇ କୋରାପୁଟ ଜିଲା କୁନ୍ଦୁରା ଗସ୍ତରେ ଆସିଥିବା ଏସ୍‌ଏସ୍‌ଡି ଅତିରିକ୍ତ ସଚିବ ପ୍ରଦୀପ କୁମାର ବେହେରାଙ୍କୁ ଭେଟି ସାମାଜିକ ସଙ୍ଗଠନ ଦାବିପତ୍ର ପ୍ରଦାନ ଦେଇଛନ୍ତି। ଏଥିରେ ଉଲ୍ଲେଖ ୪ ବର୍ଷ ତଳେ କୁନ୍ଦୁରା ବ୍ଲକ ଦିଗାପୁର ଗ୍ରାମ ପଞ୍ଚାୟତ ଘଷର୍ଡା ଗ୍ରାମର ବନମାଳୀ ନାୟକଙ୍କ ଦୁଇ ଝିଅ କାଉଡିଆଗୁଡା କନ୍ୟାଶ୍ରମରେ ଅଧ୍ୟୟନ କରୁଥିବା ସମୟରେ ଅସୁସ୍ଥତା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ତେବେ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ସେସମୟରେ ଦୁଇ ମୃତ ଛାତ୍ରୀଙ୍କ ମାଆବାପାଙ୍କୁ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ ମଧ୍ୟ ଏଯାବତ୍ ସେମାନଙ୍କୁ କ୍ଷତି ପୂରଣ ମିଳିନାହିଁ। ଏଥିସହ ଅଧ୍ୟୟନରତ ଛାତ୍ରୀଙ୍କଠାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲାଲବାହାଦୁର ମଲିକ କାଉଡିଆଗୁଡା ଏବଂ ଲିମାସ୍ଥିତ ଅନ୍ତେବାସୀଙ୍କଠାରୁ ପ୍ରି ମାଟ୍ରିକ ସ୍କଲାରଶିପ୍ ଟଙ୍କାରୁ ୧୦୦/୨୦୦ ଟଙ୍କା ଲେଖାଏଁ ପାଚେରି ନିର୍ମାଣ ଆଳରେ ଆଦାୟ କରଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏନେଇ ଅତିରିକ୍ତ ସଚିବ ପ୍ରଦୀପ କୁମାର ବେହେରା କହିଛନ୍ତି ଯେ ଅଭିଯୋଗ ସମ୍ପର୍କରେ ମୁଁ ଉଚ୍ଚ କର୍ତ୍ତପକ୍ଷ ତଥା ଏସ୍‌ଏସ୍‌ଡି ପ୍ରମୁଖ ସଚିବଙ୍କ ସହ କଥାବାର୍ତ୍ତା ହେବି। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଥିଲେ।

## ଜିଲା ଆଇନ ସେବା ପ୍ରାଧିକରଣର ସଚେତନତା ଶିବିର

**ଜୟପୁର, ୧୦।୨(ନି.ପ୍ର.)**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ମୋଟରଯାନ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିମଳ କୁମାର ଚାନ୍ଦ, ପିଏଲ୍‌ଏ ଅଧକ୍ଷ ସରୋଜ କୁମାର ସାହୁ, ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ନାୟାର, ରେଜିଷ୍ଟ୍ରାର ଶରତ କୁମାର ଜେନା, ସିଜିଏମ୍, ଏସ୍‌ଡିଜେଏମ୍ ଜନ୍ମେଜୟ ପଲେଇ, ଜେଏମ୍‌ଏଫ୍‌ସି ଭାନୁପ୍ରତାପ ମିଶ୍ର, ସୁନୀଲ ମିଶ୍ର, ପଲ୍ଲବୀ ପ୍ରିୟଦର୍ଶିନୀ ଦାଶ ପ୍ରମୁଖ ଯୋଗଦେଇ ମୋଟରଯାନ ଆଇନ, ମୋଟରଯାନ ଦୁର୍ଘଟଣା କ୍ଷତିପୂରଣ, ମହାମାରୀ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ଆଇନଜୀବୀ ଦିବାକର ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ବୈପାରିଗୁଡା,୧୦।୨ (ଡି.ଏନ୍.ଏ.)**

ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଦୋରାଗଡା ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ବଧବାର ଏକ ବିଦାୟକାଳିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଭାପତି ଭାବେ ବ୍ଲକ ଶିକ୍ଷାଧିକାରୀ ସୁଧୀରଚନ୍ଦ୍ର ରଥ, ମୁଖ୍ୟବକ୍ତା ରୂପେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମୁରଲିଧର ଡାକୁଆ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷକ ସଂଘ ସଭାପତି ଚିତାରାମ ବାରିକ, ଚନ୍ଦ୍ରପଡା ସରପଞ୍ଚ ଅଭିମନ୍ୟୁ ନାୟକ ଏବଂ ପୂର୍ବତନ ସରପଞ୍ଚ ଧନସାଇ ପରଜା ଯୋଗ ଦେଇଥିଲେ। କରୋନା ଦ୍ୱାରା ପ୍ରଭାବିତ ହୋଇଥିବା ଶିକ୍ଷା ବ୍ୟବସ୍ଥାକୁ କିପରି ସୁଧାରିବାକୁ ହେବ ସେନେଇ ଗୋଷ୍ଠୀ ଶିକ୍ଷାଧିକାରୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ନିକଟରେ ଚାକିରିର ଅବସର ନେଇଥିବା ମହଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ବଲ୍ଲଭ ନାରାୟଣ ମାଝିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦୋରାଗୁଡା ସାଧନକେନ୍ଦ୍ର ସଂଯୋଜକ ଦେବୀ ପ୍ରସାଦ ମହାନ୍ତି ପରିଚାଳନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଡକ୍ରସ୍‌ର ୩ଦିନିଆ ଶିବିର ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ଶିବିରାର୍ଥୀ।

**ଏମ୍‌ଭି ୭୯,୧୦।୨(ଡି.ଏନ୍.ଏ.)**

ଡ. ଶ୍ୟାମାପ୍ରସାଦ ଜୁନିୟର କଲେଜରେ ଚାଲିଥିବା ତିନିଦିନିଆ ଯୁବ ରେଡ୍‌କ୍ରସ୍ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମେଡିକାଲ ଅଫିସର ପ୍ରସନ୍ନଜିତ ରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୫ଟି କଲେଜର ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ରେଡ୍‌କ୍ରସ୍‌ର ଇତିହାସ, ପ୍ରାଥମିକ ଚିକିତ୍ସା, ଟ୍ରାଫିକ ନିୟମ, ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ପ୍ରଶିକ୍ଷଣ ଦେଇଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ର ଓ ଶିବିରାର୍ଥୀମାନେ ସଡ଼କ ସୁରକ୍ଷା ପାଇଁ ହେଲ୍‌ମେଟ ବ୍ୟବହାର କରିବାକୁ ସଚେତନତା ବାର୍ତ୍ତା ସହର ପରିକ୍ରମା କରି ପ୍ରଚାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ସମୀର ମିସ୍ତ୍ରି ମୁଖ୍ୟଅତିଥି, ଗୋପବନ୍ଧୁ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଦତ୍ତ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ଜିଲା ରେଡ୍‌କ୍ରସ୍‌ର ସଂଯୋଜକ ଡି. ଆଶିଷ ରାଠୋର ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ। ଦୁଷ୍ମନ୍ତ କୁମାର ଦାସ, ପ୍ରଦୀପ୍ତ କୁମାର ମିଶ୍ର, ବସନ୍ତ କୁମାର ବିଶ୍ୱାଳ, ଭରତ ଚନ୍ଦ୍ର ପଣ୍ଡା, ଲୋକନାଥ ମହାକୁଡ଼ ସହଯୋଗ କରିଥିଲେ।

# ପୁରାତନ ବିଦ୍ୟାଳୟକୁ ପୋଷ୍ୟ ଗ୍ରହଣ କଲେ ମନ୍ତ୍ରୀ


ମନ୍ତ୍ରୀ ପଦ୍ମିନୀ ଦିଆନ ଏସ୍‌ଏମ୍‌ଡିସି ସହ ଆଲୋଚନା କରୁଛନ୍ତି।

**କୋଟପାଡ଼,୧୦।୨(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ସ୍ୱଇଚ୍ଛାରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ପୁରାତନ ବିଦ୍ୟାଳୟଗୁଡିକୁ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରୁଛନ୍ତି। କୋଟପାଡ଼ ଅଞ୍ଚଳର ପୁରାତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ବୁଧବାର ସ୍ଥାନୀୟ ବିଧାୟିକା ତଥା ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ଗସ୍ତକରି ତାହାକୁ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ପରିଦର୍ଶନକରି ଏସ୍‌ଏମ୍‌ଡିସି କମିଟି ସହ ଆଲୋଚନା କରିଥିଲେ। ଏହି ବିଦ୍ୟାଳୟ କୋଟପାଡ଼ ଅଞ୍ଚଳର ବହୁ ପୁରାତନ। ୧୯୬୩ରେ ପ୍ରତିଷ୍ଠା ହୋଇଥିଲା। ଉକ୍ତ ବିଦ୍ୟାଳୟରୁ ବହୁ ଛାତ୍ରୀ ଅତୀତରେ ଜିଲା ତଥା ରାଜ୍ୟ ପାଇଁ ବହୁ ସୁନାମ ଆଣିଛନ୍ତି। ଏହି ସମୟରେ ବିଦ୍ୟାଳୟର ଏସ୍‌ଏମ୍‌ଡିସି ସଭାପତି ସୁଧୀର ଚନ୍ଦ୍ର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ସବିତା ମାଦଳାଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ପୁରାତନ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ବ୍ରିଜ୍ ନିର୍ମାଣ ଦାବିକରି ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**କୋରାପୁଟ,୧୦।୨(ସ୍ୱ.ପ୍ର.)**


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ମାଳିମୁଣ୍ଡାଠାରୁ ଡୁମୁରିଗୁଡ଼ା ଗ୍ରାମ ମଧ୍ୟରେ ଏକ ବ୍ରିଜ୍ ନିର୍ମାଣ କରିବାକୁ ଦାବିକରି ବୁଧବାର ଡୁମୁରିଗୁଡ଼ାବାସୀ ଜିଲାପାଳଙ୍କୁ ଭେଟିଛନ୍ତି। ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଡୁମୁରିଗୁଡ଼ା ଏକ ଅପହଞ୍ଚ ଅଞ୍ଚଳ ହୋଇ ରହିଛି । ଭଲ ରାସ୍ତାଟିଏ ନ ଥିବାରୁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଗ୍ରାମର ଛାତ୍ରୀଛାତ୍ରମାନେ ନଦୀରେ ପଶି ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ସମୟରେ ଡୁମୁରିଗୁଡ଼ା ଗ୍ରାମର ଖଗପତି ସାଉନ୍ତା, ମୀନ ସାଉନ୍ତାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିସ୍ମୟ ବାଳକ ଦେବୀଦତ୍ତ

**ଟିଙ୍କିରି,୧୦।୨(ଡି.ଏନ୍.ଏ.)**

ବୟସ ମାତ୍ର ଛଅ। ହେଲେ ଜଟିଳ ଗଣିତର ଉତ୍ତର ସଙ୍ଗେ ସଙ୍ଗେ ଦେଇପାରୁଛନ୍ତି। ଏହା ବ୍ୟତୀତ ସୌର ଜଗତ, ଭୌଗୋଳିକ ଜ୍ଞାନ, ବିଭିନ୍ନ ଦେଶର ଜାତୀୟ ପତାକା ଆଦି ଯେମିତି ତାଙ୍କ ମସ୍ତିଷ୍କରେ ପ୍ରିଣ୍ଟ ହୋଇଛି। ଏଭଳି ଧୀଶକ୍ତି ସମ୍ପନ୍ନ ଶିଶୁ ହେଲେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ସ୍ଥିତ ଆଦିତ୍ୟ ବିର୍ଲା ସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର ଦେବୀଦତ୍ତ ମହାକୁଡ଼। ମା' ସତ୍ୟଭାମା ମହାକୁଡ଼ ଉତ୍କଳ ଆଲୁମିନାରେ ଏବଂ ବାପା ଉତ୍ସବ ସରକାରୀ ଚାକିରି କରୁଛନ୍ତି। ବିଭିନ୍ନ ଅସାଧାରଣ ପ୍ରଶ୍ନ ପଚାରିବା ପ୍ରତିଭା ଦେଖି ମା', ବାପା ଆନ୍ଧ୍ରସ୍ଥିତ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଇଣ୍ଡ ଡାଇନାମିକ୍ ସହ ଯୋଗାଯୋଗ କରିଥିଲେ। ସେଠାରେ ୨୦ଦିନର ତାଲିମ ପରେ ସଂସ୍ଥା ମୁଖ୍ୟ ଏ. ଭେଙ୍କଟ ରାଓ ବୁଧବାର ଶିଶୁଟିର ବୁଦ୍ଧି ପରୀକ୍ଷା ପାଇଁ ପହଞ୍ଚିଥିଲେ। ଏଠାରେ ୯୯ ପର୍ଯ୍ୟନ୍ତ କ୍ୟୁବ୍‌ରୁଟ୍ ପ୍ରଶ୍ନ ଲିଖିତଭାବେ ପଚାରିଥିଲେ। ଏହାର ଉତ୍ତର ପାଇଁ ସମୟସୀମା ୧୦ମିନିଟ ରହିଥିଲା। ଦେବୀଦତ୍ତ ୫ମିନିଟ ୫୦ସେକେଣ୍ଡରେ ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ରଖିଥିଲେ। ଜାତୀୟ ସ୍ତରୀୟ ରେକର୍ଡ ନିମନ୍ତେ ଶିଶୁଟିକୁ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ଏଲ୍. ଏନ୍. ଦାଶ, ଡଙ୍ଗାସିଲ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶିକେସନ ବାଘ ଉପସ୍ଥିତ ଥିଲେ। ଦେବୀଦତ୍ତଙ୍କ ସଫଳତାରେ ଉତ୍କଳ ଆଲୁମିନାର ସିଏସ୍‌ଆର୍ ମୁଖ୍ୟ ଶିବ ମହାପାତ୍ର, ଲୋପାମୁଦ୍ରା ପ୍ରିୟଦର୍ଶିନୀ ଏବଂ ଅନ୍ୟମାନନେ ଶୁଭେଚ୍ଛା ଜଣାଇଛନ୍ତି।

# ନୂତନ ଜିଲାପାଳ ନେଲେ ଟିକା

**କୋରାପୁଟ,୧୦।୨(ସ୍ୱ.ପ୍ର.)**

କୋଭିଡ୍ ମହାମାରୀ ବିରୋଧରେ ଏବେ ସାରା ଦେଶରେ ଟିକାକରଣ ଅଭିଯାନ ଚାଲିଛି। ଏହି କ୍ରମରେ ବୁଧବାର କୋରାପୁଟର ନୂତନ ଜିଲାପାଳ ମହମ୍ମଦ ଅବଦୁଲ ଅଖତାର କୋଭିଡ୍ ଟିକା ନେଇ ସରକାରଙ୍କ ଏହି ଅଭିଯାନକୁ ଆଗେଇନେବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଟିକା ନେବା ପାଇଁ ଉତ୍ସାହିତ କରିଛନ୍ତି। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଜିଲାପାଳ ପହଞ୍ଚି କୋଭିଡ୍ ଟିକାର ପ୍ରଥମ ଡୋଜ ନେଇଥିଲେ। ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ଜିଲାପାଳ କହିଛନ୍ତି। ଏହି ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା ଉପସ୍ଥିତ ଥିଲେ।


ଜିଲାପାଳ କୋଭିଡ୍ ଟିକା ନେଉଛନ୍ତି।

# ବିପର୍ଯ୍ୟୟ ମୁକାବିଲା ନେଇ ମକ୍‌ଡ୍ରିଲ୍

**କୋରାପୁଟ,୧୦।୨(ସ୍ୱ.ପ୍ର.)**

କୋରାପୁଟ ଜିଲାର ଦାମନଯୋଡ଼ିସ୍ଥିତ ନାଲ୍‌କୋଠାରେ ବିପର୍ଯ୍ୟୟ ମୁକାବିଲା ନେଇ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଓଏସ୍‌ଏପି ତୃତୀୟ ବାଟାଲିୟନସ୍ଥିତ ଓଡ୍ରାଫ ଟିମ୍, କୋରାପୁଟ ଅଗ୍ନିଶମ ବିଭାଗ, ନାଲ୍‌କୋର ସିଆଇଏସ୍‌ଏଫ୍ ପକ୍ଷରୁ ମିଳିତ ଭାବେ ମକ୍‌ଡ୍ରିଲ୍ କରାଯାଇଥିଲା। ବିପର୍ଯ୍ୟୟ ବେଳେ କିପରି ପ୍ରସ୍ତୁତ ରହିବା, ଉଚ୍ଚ ମହଲା ଘରୁ କିପରି ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ନାଲ୍‌କୋର ଡିଜିଏମ୍, ଅଗ୍ନିଶମ ବିଭାଗର ଅଧିକାରୀ, କୋରାପୁଟ ଓଡ୍ରାଫର ସୁବେଦାର ସୁଜିତ କୁମାର ହୋତା , ସିଆଇଏସ୍‌ଏଫ୍‌ର ଅଗ୍ନିଶମ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ।


କର୍ମଚାରୀମାନେ ଉଦ୍ଧାର କୌଶଳ ପ୍ରଦର୍ଶନ କରୁଛନ୍ତି।

